بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୧ ଅପ୍ରେଲ୍ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

## ଖୈବର୍ ଯୁଦ୍ଧ ଓ ଜାତୁର୍ ରିକା ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଦ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ଗତ ଖୁତ୍‌ବାରେ ଖୈବର୍ ଯୁଦ୍ଧର ପରବର୍ତ୍ତୀ ଘଟଣାବଳୀ ଚର୍ଚ୍ଚା ହେଉଥିଲା, ଏଥିରେ ତୟମାବାସୀଙ୍କ ସନ୍ଧି କରିବାର ବର୍ଣ୍ଣନା ଉଲ୍ଲେଖ ରହିଛି । ତୟମା ମଦିନାରୁ ସିରିୟା ମାର୍ଗରେ ଏକ ସୁପ୍ରସିଦ୍ଧ ସହର । ତୟମାବାସୀ ସ୍ୱୟଂ ହୁଜୁର ସ.ଅଙ୍କ ସେବାରେ ସନ୍ଧିର ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଯାହାକୁ ଅନୁଗ୍ରହ ପୂର୍ବକ ମହାଭାଗ ସ୍ୱୀକାର କରି ନେଇଥିଲେ ଏବଂ ୟହୁଦିମାନଙ୍କୁ ନିଜ ଅଞ୍ଚଳରେ ନିଜ ଧନସମ୍ପତ୍ତି ସହିତ ରହିବାକୁ ଅନୁମତି ପ୍ରଦାନ କରିଦେଲେ । ଏହି ଅବସରରେ (ମୁସଲମାନମାନେ) ନମାଜ ଫଜର୍ ବିଳମ୍ବରେ ପାଠ କରିବାର ବର୍ଣ୍ଣନା ମିଳୁଅଛି । ଏହାର ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ, ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ନିଜ ସାଥୀମାନଙ୍କ ସହିତ ଖୈବର୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ସାରା ରାତି ଯାତ୍ରା କରିଥିଲେ । ଆଉ ଯେତେବେଳେ ମହାଭାଗଙ୍କୁ ଭୀଷଣ ନିଦ୍ରା ଆସିଲା ସେତେବେଳେ ଆପଣ ମଦିନା ନିକଟବର୍ତ୍ତୀ ଅଞ୍ଚଳରେ ବିଶ୍ରାମ କରିବା ନିମନ୍ତେ ଅବସ୍ଥାନ କଲେ ଏବଂ ହଜରତ ବିଲାଲ୍ ର.ଅଙ୍କୁ କହିଲେ; ଆଜି ରାତିରେ ତୁମେ ଆମ ନମାଜର ସୁରକ୍ଷା କରିବ ଅର୍ଥାତ୍ ନମାଜ ସମୟ ହେଲେ ଆମ୍ଭକୁ ଜାଗ୍ରତ କରିଦେବ । ହଜରତ ବିଲାଲ୍ର.ଅ ଚେଇଁ ରହିବା ନିମନ୍ତେ ନଓ୍ୱାଫିଲ୍ ପାଠ କରିଥିଲେ, ଆଉ ହୁଜୁରସ.ଅ ଓ ସାହାବାମାନେ ଶୋଇ ପଡିଲେ । ଯେତେବେଳେ ନମାଜ ଫଜର୍‌ର ସମୟ ନିକଟତର ହେଲା ସେତେବେଳେ ହଜରତ ବିଲାଲ୍ର.ଅ ନିଜ ବାହାନର ସାହାରା ନେବା ଯୋଗୁଁ ତାଙ୍କୁ ମଧ୍ୟ ନିଦ ଗ୍ରାସ କଲା ଅର୍ଥାତ୍ ସେ ମଧ୍ୟ ଶୋଇ ପଡିଲେ । ବସ୍ତୁତଃ ନା ମହାଭାଗ, ଆଉ ନା ସାହାବାମାନଙ୍କ ମଧ୍ୟରୁ କାହାର ନିଦ ଭାଙ୍ଗିଲା । ଏପରିକି ସୂର୍ଯ୍ୟ କିରଣ ସେମାନଙ୍କ ଉପରେ ପଡିଲା, ଇତି ମଧ୍ୟରେ ହୁଜୁରସ.ଅ ସର୍ବପ୍ରଥମେ ନିଦରୁ ଉଠିଲେ । ଫଜର୍ ସମୟ ଗଡି ଯାଇଥିବାରୁ ହୁଜୁରସ.ଅ ଚିନ୍ତିତ ହେଲେ ଏବଂ ହଜରତ ବିଲାଲ୍ ର.ଅଙ୍କୁ କାରଣ ପଚାରିଲେ । ସେଥିଅନ୍ତେ ସେହି ସ୍ଥାନରୁ ପ୍ରସ୍ଥାନ କରିବାର ସାହାବାଙ୍କୁ ଆଦେଶ ଦେଲେ ଏବଂ କିଛି ଦୂର ଅତିକ୍ରମ କରିବା ପରେ ପୁଣ୍ୟଶ୍ଳୋକ ଓଜୁ କଲେ ଏବଂ ବାଜମାଅତ୍ ଫଜର୍ ନମାଜ ପାଠ କରାଇଲେ । ତା'ପରେ ହୁଜୁରସ.ଅ କହିଲେ; ଯେଉଁ ବ୍ୟକ୍ତି ନମାଜ ପାଠ କରିବାକୁ ଭୁଲିଯାଏ ତେବେ ତାହା ପାଇଁ ଆବଶ୍ୟକ ଯେତେବେଳେ ମନେ ପଡିଯାଏ ସେହିକ୍ଷଣି ହିଁ ସେ ତାହା ପାଠ କରିନେଉ । କାରଣ ଅଲ୍ଲାଃତାଲା କୁହନ୍ତି; **ନମାଜ ଆମ୍ଭ ଗୁଣଗାନ କରିବା ସକାଶେ ପାଠ କର ।**

ହଜରତ ଅବୁ ମୁସା ଅଶରୀର.ଅ ବର୍ଣ୍ଣନା କରନ୍ତି, ମଦିନା ପ୍ରତ୍ୟାବର୍ତ୍ତନ କରିବା ବେଳେ ଲୋକମାନେ ଉଚ୍ଚ ସ୍ୱରରେ ତକବିର୍‌ର ଶ୍ଲୋଗାନ ଦେଲେ । ଏଥିରେ ନବୀଶ୍ରେଷ୍ଠ କହିଲେ; **ନିଜ ସ୍ୱର ଧୀର ରଖ କାରଣ ତୁମେ କୌଣସି ବଧିର ଅଥବା ଅନୁପସ୍ଥିତ ହସ୍ତିକୁ ଡ଼ାକୁ ନାହିଁ ।** ମୁସଲମାନମାନଙ୍କର ଏହି ଯାତ୍ରା ମୁହରମ୍ ୭ହିଜ୍‌ରୀରେ ଆରମ୍ଭ ହୋଇଥିଲା ଏବଂ ତାହା ଅଲ୍ଲାଃତାଲାଙ୍କ କୃପାରୁ ସଫଳତା ପୂର୍ବକ ସଫର୍ ମାସ ଅଥବା ରବିଉଲ୍ ଅଓ୍ୱଲ୍ ମାସର ଆରମ୍ଭରେ ଶେଷ ହେଲା ।

ମୁସଲମାନମାନଙ୍କ ପକ୍ଷରେ ଖୈବର୍ ବିଜୟର ଅନେକ ସକାରାତ୍ମକ ପ୍ରଭାବ ଚରିତ୍ରାର୍ଥ ହୋଇଥିଲା । ଯାହାର ଏକ ପ୍ରମୁଖ୍ୟ ପ୍ରଭାବ ଏହିକି ଯେ, ଆରବ ଦେଶର ଆଖପାଖରେ ଅନେକ କବିଲା (ଗୋଷ୍ଠୀ) ଯେ କି ମୁସଲମାନମାନଙ୍କ

ବିରୁଦ୍ଧରେ ଷଡଯନ୍ତ୍ର ରଚିବାର ଉଦ୍ଦେଶ୍ୟ ରଖୁଥିଲେ, ଭୟଭୀତ ହୋଇଗଲେ ଏବଂ ଅନେକ ଗୋଷ୍ଠୀ ସମୂହ (ନିଜ ଆଡୁ) ସନ୍ଧି କରିବାର ହସ୍ତ ପ୍ରସାରିତ କଲେ । ଆଉ କେତେକ ମହାଭାଗଙ୍କ ଆଜ୍ଞା ପାଳନ କରିବାରେ ନିଜର ମଙ୍ଗଳ ସାଧିତ ହେବା ହୃଦୟଙ୍ଗମ କଲେ । ଖୈବର୍ ବିଜୟର ଏକ ବହୁତ ବଡ ପ୍ରଭାବ ଏହା ପ୍ରାଦୁର୍ଭାବ ହେଲା ଯେ, ଉପଦ୍ୱୀପ ଆରବରେ ୟହୁଦିମାନଙ୍କ ଶକ୍ତି ଓ ପ୍ରଭୁତ୍ୱର ପତନ ଘଟିଲା । ପୁନଶ୍ଚ ଏହି ବିଜୟର ପ୍ରଭାବ ମଦିନାର ମୁସଲମାନମାନଙ୍କ ଅର୍ଥନୀତି ଉପରେ ବେଶ ସୁପ୍ରଭାବ ପଡିଲା । ହଜରତ ଆଏଶା[ର.ଅ] ସମେତ ଅନେକ ସାହାବା ବର୍ଣ୍ଣନା କରନ୍ତି ଯେ, **ଖୈବର୍ ବିଜୟ ପରେ ଆମମାନଙ୍କୁ ପେଟପୁରା ଆହାର ଖାଇବାକୁ ମିଳିଲା ।**

ଏହା ପରେ ଜାତୁର୍ ରିକା ଯୁଦ୍ଧର ବର୍ଣ୍ଣନା ମିଳୁଛି । ଏହି ଯୁଦ୍ଧର ମୂଖ୍ୟ କାରଣ ଏହିକି ଯେ, ଉକ୍ତ ଅଞ୍ଚଳରେ ଏକ ବୃକ୍ଷ ଅଥବା ପର୍ବତ ରହିଥିଲା । ଯାହା ନାମରେ ଏହି ଯୁଦ୍ଧର ନାମ ପଡିଗଲା, ଆଉ ଏକ କାରଣ ଏହା ମଧ୍ୟ ବର୍ଣ୍ଣନା କରାଯାଏ ଯେ, ଏହି ଯୁଦ୍ଧରେ ସାହାବାମାନଙ୍କ ନିକଟରେ ଖୁବ୍ କମ୍ ସଂଖ୍ୟକ ବାହାନ ରହିଥିଲା ଏବଂ ଯାତ୍ରାର କଠିନତା ଓ ପଥୁରିଆ ଜମିରେ ପଦଯାତ୍ରା କରିବା ଫଳରେ ସାହାବାମାନଙ୍କ ପାଦ କ୍ଷତାକ୍ତ ହୋଇଯାଇଥିଲା । ଅତଃ ସେମାନେ ଫଟା ପୁରୁଣା ବସ୍ତ୍ରକୁ ଚଉତି ନିଜ ଆଘାତ ସ୍ଥାନରେ ବାନ୍ଧି ଦେଉଥିଲେ । ବସ୍ତ୍ରକୁ ଚଉତି ପ୍ରସ୍ତୁତ କରାଯାଇଥିବା ପଟିକୁ (ଆରବୀରେ) ରିକା କୁହାଯାଏ, ତେଣୁ ଏହି ଅଭିଯାନର ନାମ ଜାତୁର୍ ରିକା ପଡିଗଲା ।

ଏହି ଯୁଦ୍ଧର ଇତିହାସରେ ମତଭେଦ ରହିଛି । ଇତିହାସ ଓ ଜୀବନୀର ପୁସ୍ତକମାନଙ୍କରେ ଏହି ଯୁଦ୍ଧ ୪ ଅବା ୫ ହିଜରୀରେ ସଙ୍ଘଟିତ ହେବା ବର୍ଣ୍ଣିତ ରହିଛି । ଯେତେବେଳେ କି ଇମାମ୍ ବୁଖାରୀ ଏକ ବଳିଷ୍ଠ ସାକ୍ଷ୍ୟ ଆଧାରରେ ଏହାକୁ ଖୈବର୍ ଯୁଦ୍ଧ ପରେ ଅର୍ଥାତ୍ ୭ହିଜ୍‌ରୀରେ ସଙ୍ଘଟିତ ହୋଇଥିବାର ଦର୍ଶାଇଛନ୍ତି । ହଜରତ ମିର୍ଜା ବଶିର୍ ଅହେମଦ ସାହେବ[ର.ଅ] ମଧ୍ୟ ନିଜ ନୋଟ୍‌ରେ ଏହି ଯୁଦ୍ଧ ଖୈବର୍ ଯୁଦ୍ଧ ପରେ ସଙ୍ଘଟିତ ହୋଇ ଥିବାର ଦର୍ଶାଇଛନ୍ତି । ଏହି ଯୁଦ୍ଧର ମୂଳ କାରଣ ଏହା ଥିଲା ଯେ, ନଜ୍‌ଦ ଅଞ୍ଚଳରେ ଡ଼କାୟତମାନେ ପଥିକ ଓ ଯାତ୍ରୀମାନଙ୍କୁ ହଇରାଣ କରିବା ସହ ସେମାନଙ୍କୁ ଲୁଟି ନେଉଥିଲେ । ଆଉ ସେମାନଙ୍କୁ କାବୁ କରିବା କଷ୍ଟକର ଥିଲା । ଏହିପରି ଏହି ଯୁଦ୍ଧର ଅନ୍ୟ ଏକ କାରଣ ଏହା ବର୍ଣ୍ଣନା କରାଯାଉଛି ଯେ, ଜଣେ ବ୍ୟାପାରୀ ମଦିନା ଆସିଲା ଏବଂ ତା'ଠାରୁ ମଦିନାବାସୀଙ୍କୁ ଏହି ସୂଚନା ମିଳିଲା ଯେ, ସାଲ୍‌ବାଃ ଅଧିବାସୀ ଓ ଅନ୍ୟ ଗୋଷ୍ଠୀ ସମୂହ ମୁସଲମାନମାନଙ୍କ ବିରୁଦ୍ଧରେ ସେନାବାହିନୀ ଏକତ୍ରୀତ କରି ଯୁଦ୍ଧ ପ୍ରସ୍ତୁତ କରୁଛନ୍ତି, ହୁଜୁର [ସ.ଅ]ଙ୍କୁ ଏହି ସୂଚନା ମିଳିଲା ମାତ୍ରେ ଆପଣ ଉକ୍ତ ଅଞ୍ଚଳ ଅଭିମୁଖେ ପ୍ରସ୍ଥାନ କରିବାର ମନସ୍ଥ କଲେ । ଅତଏବ ହୁଜୁର[ସ.ଅ] ମଦିନାରୁ ୪୦୦, ୭୦୦ ଅଥବା ୮୦୦ ସହଚରଙ୍କୁ ସାଥିରେ ନେଇ ବାହାରିଗଲେ ।

ଏହି ଯୁଦ୍ଧରେ ସଲାତୁଲ୍ ଖୌଫ୍ (ଆତଙ୍କିତ ଅବସ୍ଥାରେ ନମାଜ) ପାଠ କରିବାର ଚର୍ଚ୍ଚା ମିଳୁଅଛି । ହଜରତ ଜାବିର୍[ର.ଅ] ବର୍ଣ୍ଣନା କରନ୍ତି, ହୁଜୁର[ସ.ଅ] ନଖଲ୍ ଅଞ୍ଚଳରୁ ଜାତୁର୍ ରିକା ଆଡ଼କୁ ଗଲେ ଏବଂ ସେହିସ୍ଥଳେ ଗତଫାନ୍‌ର ସେନାବାହିନୀ ସହିତ ମୁହାଁମୁହିଁ ହେଲା କିନ୍ତୁ ସେମାନଙ୍କ ସହିତ କୌଣସି ଯୁଦ୍ଧ ହୋଇ ନଥିଲା । କିନ୍ତୁ ସଂଘର୍ଷ ହେବାର ଆଶଙ୍କା ଘନିଭୂତ ହେଉଥିଲା । ଇତି ମଧ୍ୟରେ ଯେତେବେଳେ ନମାଜର ସମୟ ଆସିଗଲା ସେତେବେଳେ ହୁଜୁର[ସ.ଅ] ସେହି ଭୟପ୍ରଦ ଅବସ୍ଥାରେ ନମାଜ ପାଠ କରାଇଲେ । ଅର୍ଥାତ୍ ଏପରି ନମାଜ ଯେଉଁଥିରେ କିଛି ସାହାବା ନମାଜରେ ସାମିଲ ହେଲେ ଏବଂ ନମାଜ ପାଠ କରିବା ପରେ ପଛକୁ ହଟିଗଲେ, ଆଉ ବାକି ରହି ଯାଇଥିବା ସାହାବା ଆସି ହୁଜୁର [ସ.ଅ]ଙ୍କ ସହିତ ନମାଜ ପାଠ କଲେ । ଏହି ନମାଜର ଚର୍ଚ୍ଚା ସୁରାଃ ନିସାରେ ଉଲ୍ଲେଖ ରହିଛି ଯେ, ଏପରି ଘୋର ଭୟାପ୍ରଦ ଅବସ୍ଥାରେ କିପରି ନମାଜ ପାଠ କରାଯିବ । ଶରାଃ ବୁଖାରୀ (ବ୍ୟାଖ୍ୟା)ରେ ଅଲାମାଃ ବଦରୁଦ୍ଦିନ୍ ଐନୀ ଉଲ୍ଲେଖ କରିଛନ୍ତି ଯେ, ସଲାତୁଲ୍ ଖୌଫ୍ ସଂକ୍ରାନ୍ତରେ ମତଭେଦ ରହିଛି ଯେ, ସର୍ବପ୍ରଥମେ ଏହି ପ୍ରସଙ୍ଗରେ କେବେ ଧର୍ମାଦେଶ ଅବତୀର୍ଣ୍ଣ ହୋଇଥିଲା । ସମସ୍ତ ଧର୍ମ ପଣ୍ଡିତମାନେ ମତବ୍ୟକ୍ତ କରିଛନ୍ତି ଯେ, ଜାତୁର୍ ରିକା ଯୁଦ୍ଧରେ ଏହି ନମାଜ ସର୍ବପ୍ରଥମେ ପାଠ କରାଯାଇଥିଲା । କିନ୍ତୁ ଏହି ଆଦେଶ କେବେ ଅବତୀର୍ଣ୍ଣ ହୋଇଥିଲା ସେଥି ସଂକ୍ରାନ୍ତରେ ଧର୍ମବିତ୍‌ମାନଙ୍କ ମଧ୍ୟରେ ମତଭେଦ ରହିଛି । କେହି ଏହାକୁ ୪ ତ କେହି ୫ ଓ ଆଉ କେହି ୬ ତ କେହି ୭ହିଜ୍‌ରୀରେ ଅବତୀର୍ଣ୍ଣ ହୋଇଥିବାର ଦର୍ଶାଇଛନ୍ତି । ତେବେ ୧୫ଦିନର ଏହି ଅଭିଯାନ ପରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ମଦିନା ପ୍ରତ୍ୟାବର୍ତ୍ତନ କରି ଆସିଥିଲେ ।

ଏହି ଯୁଦ୍ଧକୁ ଚମ୍ତ୍କାର ପୂର୍ଣ୍ଣ ଯୁଦ୍ଧ ମଧ୍ୟ ଅଭିହିତ କରାଯାଇଛି । ଯେପରିକି ହୁଜୁର [ସ.ଅ]ଙ୍କ ଉପରେ ଜଣେ ଶତ୍ରୁ

ଖଣ୍ଡା ଉତ୍ତୋଳନ କରିବାର ଘଟଣା ଉଲ୍ଲେଖ ରହିଛି । ଏହିପରି ଏହି ଯୁଦ୍ଧରେ ଏକ ପକ୍ଷୀର ଘଟଣା ମଧ୍ୟ ବର୍ଣ୍ଣିତ ରହିଛି, ଯାହାର ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ, ଏହି ଅଭିଯାନରେ ସାହାବାମାନଙ୍କ ମଧ୍ୟରୁ ଜଣେ ସାହାବି ମହାଭାଗଙ୍କ ନିକଟକୁ ଏକ ପକ୍ଷୀ ଶାବକ ଧରି ଆସିଲେ । ହୁଜୁର[ସ.ଅ] ତାହାକୁ ଦେଖୁଥିଲେ ଯେ ସେହିକ୍ଷଣି ପକ୍ଷୀ ଶାବକର ମାତା ଅବା ପିତା ମଧ୍ୟରୁ କେହି ଆସି ମହାଭାଗଙ୍କ ସମ୍ମୁଖରେ ଖସି ପଡିଲା ଅବା ସେହି ସାହାବିଙ୍କ ସମ୍ମୁଖରେ ଖସି ପଡିଲା । ଏହି ଦୃଶ୍ୟ ଦେଖି ସଭିଏଁ ଆଶ୍ଚର୍ଯ୍ୟ ଚକିତ ହେଲେ, ଏଥିରେ ହୁଜୁର[ସ.ଅ] କହିଲେ; ତୁମେ ଏହି ପକ୍ଷୀକୁ ଦେଖି ଆଚମ୍ଭିତ ହେଉଛ । ଅସଲରେ ତୁମେ ତାହାର ଛୁଆକୁ ଧରି ନେଇଥିବା ଯୋଗୁଁ ସେ ନିଜ ଛୁଆକୁ ରକ୍ଷା କରିବା ସକାଶେ ତୁମ ସମକ୍ଷରେ ଆତ୍ମ ସର୍ମପଣ କରିଦେଇଛି । **ଅଲ୍ଲାଃଙ୍କ ରାଣ ! ତୁମ ପାଳନକର୍ତ୍ତା ତ ତୁମ ପ୍ରତି ଏହି ପକ୍ଷୀର ନିଜ ଛୁଆକୁ ରକ୍ଷା କରିବା ଠାରୁ ମଧ୍ୟ ଅଧିକ ଅନୁକମ୍ପା ପ୍ରଦାନକାରୀ ।**

ଏହିପରି ଏହି ଯୁଦ୍ଧରେ ଜଣେ ପାଗଳ ଶିଶୁକୁ ଚମତ୍କାର ଭାବରେ ସ୍ୱାସ୍ଥ୍ୟ ଲାଭ ହେବାର ଘଟଣା ମଧ୍ୟ ବର୍ଣ୍ଣିତ ରହିଛି । ଜଣେ ପଲ୍ଲୀବାସୀ ମହିଳା ନବୀଶ୍ରେଷ୍ଠଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ; ଏ ମୋର ପୁତ୍ର କିନ୍ତୁ ତାହାକୁ ପାଗଳାମିର ବାତ ମାରୁଛି । ବସ୍ତୁତଃ ହୁଜୁର[ସ.ଅ] ନିଜ ପବିତ୍ର ଛେପ (ଲାଳ) ତାହା ମୁଖରେ ଲଗାଇଲେ ଏବଂ ତିନିଥର କହିଲେ; ହେ ଅଲ୍ଲାଃର ଶତ୍ରୁ ! ଆ' ଠାରୁ ଦୂରେଇ ଯାଅ, ମୁଁ ଅଲ୍ଲାଃଙ୍କ ଅବତାର । ତା'ପରେ ଆଦେଶ ଦେଲେ ଏବେ ଏହି ଛୁଆକୁ ନେଇଯାଅ, ଆସନ୍ତାରେ ଏହାକୁ ଆଉ କଦାପି ବାତ ମାରିବ ନାହିଁ । ହଜରତ ଜାବିର୍[ର.ଅ] ବର୍ଣ୍ଣନା କରନ୍ତି, ଏହି ଯୁଦ୍ଧ ସମୟରେ ଅଲ୍‌ବା ବିନ୍ ଜୈଦ୍ ହାରିସ୍ ହୁଜୁର [ସ.ଅ]ଙ୍କ ସେବାରେ ତିନୋଟି ଅଣ୍ଡା ଆଣିଲେ । ଏଥିରେ ମହାଭାଗ କହିଲେ; ହେ ଜାବିର୍ ! ଏହି ଅଣ୍ଡାକୁ ନେଇଯାଅ ଓ ତାହାର ବ୍ୟଞ୍ଜନ ପ୍ରସ୍ତୁତ କର । ଜାବିର୍ କୁହନ୍ତି; ମୁଁ ସେହି ଅଣ୍ଡାର ବ୍ୟଞ୍ଜନ ପ୍ରସ୍ତୁତ କଲି, ତା'ପରେ ରୁଟି ସନ୍ଧାନ କଲି କିନ୍ତୁ କୌଣସି ସ୍ଥଳେ ମୋତେ ରୁଟି ମିଳିଲା ନାହିଁ । ସେଥିଅନ୍ତେ ହୁଜୁର[ସ.ଅ] ଓ ଆପଣଙ୍କ ସାହାବାଗଣ ବିନା ରୁଟିରେ ଅଣ୍ଡା ସେବନ କରିବାକୁ ଲାଗିଲେ । **ଏପରିକି ସେମାନେ ସମସ୍ତେ ତୃପ୍ତ ହୋଇଗଲେ ।** କିନ୍ତୁ ପାତ୍ରରେ ସେହି ଅଣ୍ଡା ସେହିପରି ବାକି ରହିଥିଲା । ତହୁଁ ପରେ ଆହୁରି ଅନେକ ସାହାବା ସେଥି ମଧ୍ୟରୁ ସେବନ କଲେ, ସେଥିଅନ୍ତେ ଆମେମାନେ ଆଗକୁ ପ୍ରସ୍ଥାନ କଲୁ ।

ଏହି ଯାତ୍ରା ସମୟରେ ଗୋଟିଏ ଓଟ ହୁଜୁର [ସ.ଅ]ଙ୍କ ନିକଟକୁ ତୀବ୍ର ବେଗରେ ଆସିଲା ଏବଂ ସେ ବିକଳ ହୋଇ ଗୁହାରି କରିବା ଆରମ୍ଭ କଲା । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] କହିଲେ; ତୁମେମାନେ ଜାଣ ଏ ମୋତେ କ'ଣ କହୁଛି ? ଏ ନିଜ ମାଲିକର ମୋ ନିକଟରେ ଅଭିଯୋଗ କରୁଅଛି ଯେ, ତାହାର ମାଲିକ ଅନେକ ବର୍ଷ ହେଲା ତା' ଠାରୁ କାମ ନେଉଛି । ଆଉ ଏବେ ତାହାକୁ ଜେବଃ କରିବାର ମନସ୍ଥ କରିଛି । ତା'ପରେ ହୁଜୁର[ସ.ଅ] ସେହି ଓଟକୁ ତା'ର ମାଲିକ ଠାରୁ ଖରିଦ୍ କରି ତାହାକୁ ଚରିବାକୁ ଜଙ୍ଗଲରେ ଚାଡ଼ିଦେଲେ । ଏହି ଅଭିଯାନରେ ହଜରତ ଜାବିର୍ [ର.ଅ]ଙ୍କର ଓଟ ହଜି ଯାଇଥିଲା । ସେ ବର୍ଣ୍ଣନା କରନ୍ତି, ମୋର ଓଟ ଏକଦା ଅନ୍ଧାର ରାତ୍ରରେ ହଜିଗଲା । ମୁଁ ତାହାକୁ ଅନ୍ୱେଷଣ କରିବା ଅବସ୍ଥାରେ ହୁଜୁର [ସ.ଅ]ଙ୍କ ନିକଟରୁ ଅତିକ୍ରମ କଲି ଏବଂ ହୁଜୁର [ସ.ଅ]ଙ୍କ ପଚାରିବାରୁ ମୁଁ ଉତ୍ତର ଦେଲି, ମୋର ଓଟ ହଜି ଯାଇଛି । ଏଥିରେ ହୁଜୁର[ସ.ଅ] କହିଲେ; ତୁମ ଓଟ ଅମକ ସ୍ଥାନରେ ରହିଛି, ଯାଅ ସେଠାରୁ ତାକୁ ଧରିନେଇ ଆସ । ଜାବିର୍ କୁହନ୍ତି; ମୁଁ ସେହି ସ୍ଥାନକୁ ଗଲି କିନ୍ତୁ ସେଠାରେ ତାହା ମୋତେ ମିଳିଲା ନାହିଁ । ଅତଏବ ମୁଁ ହୁଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ ହେଲି କିନ୍ତୁ ହୁଜୁର[ସ.ଅ] ମୋତେ ପୁନଃ ସେଠାକୁ ଯିବାକୁ ନିର୍ଦ୍ଦେଶ ଦେଲେ । ବସ୍ତୁତଃ ମୁଁ ସେଠାକୁ ପୁନର୍ବାର ଚାଲିଗଲି, ତଥାପି ମୋତେ ଓଟ ମିଳିଲା ନାହିଁ । ଏଥିରେ ଦୟା ପୂର୍ବକ ହୁଜୁର[ସ.ଅ] ସ୍ୱୟଂ ମୋ ସାଥିରେ ସେହି ସ୍ଥାନକୁ ବାହାରି ଗଲେ । ଏପରିକି ଓଟ ଥିବା ସ୍ଥାନରେ ପହଞ୍ଚି ଗଲେ, ଆଉ ହୁଜୁର ମୋତେ ଓଟଟିକୁ ଧରାଇ ଦେଲେ । ଏପରି ଏହି ଅଭିଯାନରେ ଅନେକ ଚମତ୍କାର ପୂର୍ଣ୍ଣ ଘଟଣାର ବର୍ଣ୍ଣନା ରହିଛି । ଉଦାହରଣ ସ୍ୱରୂପ ଏହି ଯୁଦ୍ଧରେ ହଜରତ ଜାବିର୍ [ର.ଅ]ଙ୍କର ଗୋଟିଏ ଓଟ ମଠୁଆ ହୋଇଗଲା । ହୁଜୁର[ସ.ଅ] କିଛି ଜଳ ନେଇ ତାହାର ମୁଣ୍ଡ, ପିଠି ଓ ଅଣ୍ଟା ଉପରେ ଛିଞ୍ଚି ଦେଲେ । **ସେଥିଅନ୍ତେ ହୁଜୁର[ସ.ଅ] ଏକ ବାଡ଼ି ନେଇ ତାହାକୁ କିଛି ମାଡ଼ ମାରିଲେ ଯଦ୍ଦ୍ୱାରା ସେହି ଓଟ ଯାତ୍ରା କରିବାରେ ତୀବ୍ରତର ହୋଇଗଲା ।**

ଏହିପରି ଉକ୍ତ ଅଭିଯାନରେ ପାତ୍ରରେ ଜଳ ଅଭିବୃଦ୍ଧି ଘଟିବା ଓ ଚମତ୍କାର ଭାବରେ କଲ୍ୟାଣ ପଡିବାର ଘଟଣା ଘଟିବାର ଉଲ୍ଲେଖ ରହିଛି । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କର ଏପରି ଚମତ୍କାର ପ୍ରଦର୍ଶନ କରିବା ପ୍ରସଙ୍ଗରେ ହଜରତ

ମସିହ ମଉଦ[ଅ.ସ] କୁହନ୍ତି; ଏହି କିସମର ସାନିଧରେ କେତେକ ସମୟରେ ମନୁଷ୍ୟ ଦ୍ୱାରା ଏପରି ଘଟଣା ଘଟିଥାଏ ଯାହାକି ମାନବୀୟ ସାମର୍ଥ୍ୟ ବହିର୍ଭୂତ ଜ୍ଞାତ ହୋଇଥାଏ ଏବଂ ତାହା ଐଶ୍ୱୀ ଚିହ୍ନର ରଙ୍ଗ ରଖିଥାଏ । ଯେପରିକି ଆମ ପ୍ରିୟ ମୁନିବ ପୁଣ୍ୟଶ୍ଳୋକ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ବଦର୍ ଯୁଦ୍ଧ ସମୟରେ ମୁଠାଏ ମାଟି ଉଠାଇ ଅମାନ୍ୟକାରୀଙ୍କ ଉପରକୁ ନିକ୍ଷେପ କଲେ ଏବଂ ତାହା କୌଣସି ଦୁଆର ପରିଣାମ ନଥିଲା, ବରଂ ନିଜସ୍ୱ ଆଧ୍ୟାତ୍ମିକ ଶକ୍ତିର ପ୍ରଭାବ ଦ୍ୱାରା ମହାଭାଗ ଚାଳନା କରିଥିଲେ । କିନ୍ତୁ ତାହା ଐଶ୍ୱୀ ପ୍ରଭାବର ନିଦର୍ଶନ ଦେଖାଇଲା ଏବଂ ବିରୋଧୀମାନଙ୍କ ଚକ୍ଷୁ ଉପରେ ଏପରି ପ୍ରଭାବ ପକାଇଲା ଯେ, ସେମାନେ ଅନ୍ଧ ସଦୃଶ ପାଲଟି ଗଲେ । ଆଉ ସେମାନଙ୍କ ମଧ୍ୟରେ ଭୀଷଣ ବିଭ୍ରାଟ ଓ ବିଶୃଙ୍ଖଳା ଉତ୍ପନ୍ନ ହୋଇଗଲା ଏବଂ ସେମାନେ ସମସ୍ତେ ରଣକ୍ଷେତ୍ରରୁ ପଳାୟନ କରିବା ଆରମ୍ଭ କରିଦେଲେ । ଏହି ଚମତ୍କାର ପ୍ରତି ପରାକ୍ରମୀ ଅଲ୍ଲାଃ ଆୟତ୍ ଓମା ରମୈତା ଇଜ୍ ରମୈତା ଓଲାକିନ୍ନଲ୍ଲାଃ ରମାରେ ଇଙ୍ଗିତ କରାଯାଇଛି । ଅର୍ଥାତ୍ ତୁମ୍ଭେ ଯେଉଁ ଗୋଡ଼ି ନିକ୍ଷେପ କରିଥିଲ ତାହା ତୁମ୍ଭେ ନୁହଁ, ବରଂ ଅଲ୍ଲାଃ ନିକ୍ଷେପ କରିଥିଲେ । ଅର୍ଥାତ୍ (ତୁମ) ଆଙ୍ଗୁଆଳରେ ଦୈବି ଶକ୍ତି କାର୍ଯ୍ୟ କରୁଥିଲା । କାରଣ ଏହା ଛାର ମନୁଷ୍ୟର ସାମର୍ଥ୍ୟ ବହିର୍ଭୂତ ପ୍ରସଙ୍ଗ ।

ଏହିପରି ଦ୍ୱିତୀୟ ଚମତ୍କାର ଅର୍ଥାତ୍ ହୁଜୁର [ସ.ଅ]ଙ୍କର ସକ୍କୁଲ୍ କମର୍ (ଚନ୍ଦ୍ର ଦୁଇଖଣ୍ଡ) ହେବା ଦୃଶ୍ୟ ପ୍ରତିୟମାନ ହୋଇଥିଲା । ତାହା ମଧ୍ୟ ସେହି ମହାପ୍ରତାପୀ ଅଲ୍ଲାଃଙ୍କ ପ୍ରତାପ ଦ୍ୱାରା ସଙ୍ଘଟିତ ହୋଇଥିଲା, ସେଥିରେ ମଧ୍ୟ କୌଣସି ଦୁଆ ସାମିଲ ନଥିଲା । କାରଣ ତାହା କେବଳ ଅଙ୍ଗୁଳିର ଇଙ୍ଗିତ ଦ୍ୱାରା ଯାହାକି ଐଶ୍ୱୀ ଶକ୍ତିରେ ପରିପୂର୍ଣ୍ଣ ଥିଲା, ସଙ୍ଘଟିତ ହେଲା । ଏପରି ଆହୁରି ଅନେକ ଚମତ୍କାର ରହିଛି ଯାହାକି ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ନିଜର ଶୌର୍ଯ୍ୟ ଓ ସାମର୍ଥ୍ୟ ବଳରେ ଦେଖାଇ ଥିଲେ, ନା କି କୌଣସି ଦୁଆ ବଳରେ । ଅନେକ ଥର ସ୍ୱଳ୍ପ ଜଳ ଯାହାକି ମାତ୍ର ଏକ ପାତ୍ରରେ ରହିଥିଲା, ସେଥିରେ ନିଜ ପବିତ୍ର ଅଙ୍ଗୁଳି ବୁଡାଇ ତାହାକୁ ଏତେ ମାତ୍ରାଧିକ କରିଦେଲେ ଯେ ସମ୍ପୂର୍ଣ୍ଣ ସୈନ୍ୟବାହିନୀ ଓ ଓଟ ତଥା ଘୋଡ଼ା ଆଦି ସେଥିରୁ ପାନ କରି ତୃପ୍ତ ହେବା ସତ୍ତ୍ୱେ ମଧ୍ୟ ତାହା ବର୍ତ୍ତି ରହିଥିଲା ଯେମିତିକି ପ୍ରଥମେ ଥିଲା । ପୁନଶ୍ଚ କେତେକ ଥର ଦୁଇ ଚାରି ପଟ ରୁଟି ଉପରେ ପବିତ୍ର ଅବତାର ହସ୍ତ ବୁଲାଇ ଆଣିବା ଦ୍ୱାରା ତହିଁରୁ ସହସ୍ର ଭୋକିଲା ପେଟର କ୍ଷୁଧା ନିବାରଣ ହୋଇଗଲା । ଆଉ କେତେକ ସମୟରେ କିଞ୍ଚିତ ଦୁଗ୍ଧରେ ନିଜ ପବିତ୍ର ଓଠର କଲ୍ୟାଣ ବଳରେ ଏକ ବଡ ଦଳ ସମୂହର ଉଦର ପୂରଣ ହୋଇଗଲା । ଦୈବାତ୍ ଲବଣଯୁକ୍ତ କୂପ ଜଳରେ ନିଜ ପବିତ୍ର ଲାଳ ପଡିବା ଦ୍ୱାରା ତାହା ଅତ୍ୟନ୍ତ ମଧୁର ଜଳରେ ରୂପାନ୍ତରିତ ହୋଇଗଲା । କେତେବେଳେ ଭୀଷଣ ଆଘାତ ପ୍ରାପ୍ତ ଲୋକ ଉପରେ ନିଜ ପବିତ୍ର ହସ୍ତ ବୁଲାଇ ଆଣି ସେମାନଙ୍କ ଯନ୍ତ୍ରଣା ଲାଘବ କରିଦେଲେ । ଆଉ କେତେବେଳେ ଚକ୍ଷୁରୁ ବାହାରି ପଡିଥିଲା ଡ଼ୋଳାକୁ ନିଜ ପବିତ୍ର ହସ୍ତର କଲ୍ୟାଣ ଫଳରେ ସୁସ୍ଥ କରିଦେଲେ ଅର୍ଥାତ୍ ସମ୍ପୃକ୍ତ ବ୍ୟକ୍ତି ପୂର୍ବ ପରି ଦେଖିବାକୁ ଲାଗିଲା । ଏହିପରି ଆହୁରି ଅନେକ ନିଦର୍ଶନ ମୂଳକ କାର୍ଯ୍ୟ ନିଜ ପରାକାଷ୍ଠା ବଳରେ ଯାହା ସହିତ ଏକ ଐଶ୍ୱୀ ଶକ୍ତି ପ୍ରଚ୍ଛନ୍ନ ରହିଥିଲା, କାର୍ଯ୍ୟ କରୁଥିଲା । ଅଲ୍ଲାଃହୁମ୍ମା ସଲ୍ଲି ଆଲା ମୁହମ୍ମଦିନ୍ ଓ ଆଲି ମୁହମ୍ମଦ୍ ଓବାରିକ୍ ସଲ୍ଲିମ୍ ଇନ୍ନକା ହମିଦୁନ୍ ମଜିଦ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଊଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

11th April 2025

*Translated to Odia by :* Moulavi Anwar Ahmad Khan